ପାଣିରେ ମିଶାଇ ବିହନ ବୁଣିବାର ୧୫-୨୦ ଦିନ ମଧ୍ୟରେ ସିଞ୍ଚନ କରନ୍ତୁ ।

**ଜଳସେଚନ :** ବର୍ଷାଦିନେ ହରଡ଼ ପାଇଁ ଦରକାର ହୁଏ ନାହିଁ । ଫୁଲ ଧରିବା ସମୟରେ ଯଦି ବର୍ଷା ନହୁଏ । ତାହାହେଲେ ପାଣି ମଡ଼ାଇବା ଦରକାର । ଜଳସେଚନ ଦେବାର ସଙ୍କଟକାଳୀନ ଅବସ୍ଥା ହେଉଛି ଫୁଲ ଧରିବା ଓ ଛୁଇଁରେ ଦାନା ପୂରଣ ଅବସ୍ଥା ।

## ଫସଲ ସଂରକ୍ଷଣ :

### ପୋକ :

୧. **ଜଉପୋକ :** ପତ୍ରରୁ ରସ ଶୋଷି ଖାଇବା ଫଳରେ ଗଛ ଦୁର୍ବଳ ହୋଇଯାଏ । ଏକର ପ୍ରତି ୪୦୦ମି.ଲି. ଡାଇମିଥୋଏଟ୍ ୩୦% ଇ.ସି. ୩୦% ଇ.ସି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୨. **ସଂବାଳୁଆ :** ସଂବାଳୁଆ ପୋକ ଗଛର ଛୋଟ ଅବସ୍ଥାରେ ଗଛକୁ ଆକ୍ରମଣ କରି ପତ୍ରକୁ ଖାଇ ଦିଅନ୍ତି । ଏକର ପ୍ରତି ୪୦୦ମି.ଲି. କ୍ଲୋରପାଇରିଫସ୍ ୨୦% ଇ,ସି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୩. **ବାଘୁଆ ପୋକ :** ସାଧାରଣତଃ ଏହି ପୋକ ଫୁଲ ଅବସ୍ଥାରେ ଲାଗନ୍ତି ଓ ଫୁଲ ଖାଇ ଦିଅନ୍ତି । ଏକର ପ୍ରତି ୪୦୦ମି.ଲି. କ୍ଲୋପାଇରିଫସ୍ ୫୦%+ସାଇପରମେଥ୍ରିନ୍ ୫% ଇ.ସି. ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ ।

୪. **ଛୁଇଁବିନ୍ଧା ପୋକ :** ଏହି ପୋକ ହରଡ଼ ଛୁଇଁକୁ କଣାକରି ଖାଇଯାଏ । ଫଳରେ ଉତ୍ପାଦନ ହ୍ରାସପାଏ । ଏକର ପ୍ରତି ୧୦୦ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ରୋଗ :

୧. **ପାଉଁସିଆ ରୋଗ :** ଏହି ରୋଗ ଦ୍ୱାରା ପତ୍ର ଉପରେ ପାଉଁଶିଆ ଚିହ୍ନ ହୁଏ । ଆକ୍ରାନ୍ତ ପତ୍ରଗୁଡ଼ିକ ଶୁଖିଯାଏ । ଏକର ପ୍ରତି ୧କି.ଗ୍ରା. ୮୦% ସେଚିତ ଗନ୍ଧକଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୨. **ଝାଉଁଳା ରୋଗ :** କିଆରୀରେ ମଳା ମଳା ହୋଇ ଗଛ ଝାଉଁଳି ମରିଯାଏ । ଏକର ପ୍ରତି ୪୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦%ଡବ୍ଲୁ.ପି. ୨୦୦ଲିଟର ପାଣିରେ ମିଶାଇ ମୂଳକୁ ସିଞ୍ଚନ କରନ୍ତି ।

**ଅମଳ :** କିଆରୀରେ ତିନି ଚତୁର୍ଥାଂଶ ଛୁଇ ଶୁଖିଗଲେ ଗଛକୁ କିଆରୀରୁ ଆଣି ଖରାରେ ଶୁଖାଇ ସାରିବା ପରେ ବାଡ଼େଇ ଅମଳ କରାଯାଏ । ଏକ ଏକର ଜମିରୁ ହାରାହାରି ୮-୧୦ କ୍ୱିଣ୍ଟାଲ୍ ମଞ୍ଜି ଅମଳ ହୋଇଥାଏ । ଏହା ସହିତ ୨୦-୨୫କ୍ୱିଣ୍ଟାଲ୍ ଶୁଖିଲା ଗଛ ମଧ ମିଳିଥାଏ ।



# ଉନ୍ନତ ପ୍ରଣାଳୀରେ ହରଡ ଚାଷ


ବିଷୟ ବସ୍ତୁ
ଡ଼ଃ ସୁତନୁ କୁମାର ଶତପଥୀ
ସସ୍ମିତା ପ୍ରିୟଦର୍ଶିନୀ
ବୈଜ୍ଞାନିକ (ଶସ୍ୟ ବିଜ୍ଞାନୀ)

ସମ୍ପାଦନା
ଡ଼ଃ ସୁତନୁ କୁମାର ଶତପଥୀ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ, ଓଡ଼ିଶା
ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୦୩
ICAR


**ମୃତ୍ତିକା ଓ ଜଳବାୟୁ :** ନିଗିଡ଼ା ଡିପ ଜମିରେ ହରଡ଼ ଚାଲ ଭଲ ହୁଏ । ଏଥିପାଇଁ ଦୋରସା, ବାଲିଆ ଦୋରସା ଓ ପଟୁ ଦୋରସା ମାଟି ଆବଶ୍ୟକ ହୋଇଥାଏ । ସନ୍ତସନ୍ତିଆ ଓ ମଟାଳ ମାଟିରେ ହରଡ଼ ଭଲ ହୁଏ ନାହିଁ । ଆମ ରାଜ୍ୟର ଦ୍ରୁତାୟୁକ୍ତ ଉଷ୍ମ ଜଳବାୟୁ ଏହି ଚାଷ ପାଇଁ ଉପଯୁକ୍ତ ।

## ବିହନ :

| କିସମର ନାମ | ଅମଳ ଅବଧି (ଦିନ) | ବିଶେଷ ଗୁଣ |
|---|---|---|
| ଆଇ.ସି.ପି.ଏଲ୍-୮୮୦୩୯ | ୧୧୦-୧୨୦ | ଗଛ ବୁଦାଳିଆ, ଫୁଲ ହଳଦିଆ, ଫୁଲର ଲାଲ ରଙ୍ଗର ଦାଗ ଥାଏ । |
| ଆଇ.ସି.ପି.ଏଲ୍-୧୫୧ (ଜାଗୃତି) | ୧୩୦ | ଗଛ ବୁଦାଳିଆ, ଫୁଲ ହଳଦିଆ, ଫୁଲର ଲାଲ ରଙ୍ଗର ଦାଗ ଥାଏ । |
| ଆଇ.ସି.ପି.ଏଲ୍-୮୭୦୯୧ | ୧୨୧ | ଗଛ ବୁଦାଳିଆ, ଫୁଲ ହଳଦିଆ, ମଞ୍ଜି ଲହୁଣୀ ରଙ୍ଗର । |
| ଆଇ.ସି.ପି.ଏଲ୍-୮୧ | ୧୩୦ | ଗଛ ଡେଙ୍ଗା, ଫୁଲ ହଳଦିଆ, ମଞ୍ଜି ଧୂସର। |
| ଆଇ.ସି.ପି.ଏଲ୍-୮୮୬୩ (ମାରୁତି) | ୧୬୬ | ଗଛ ଡେଙ୍ଗା, ଫଳ ଧୂସର । |
| ଆଇ.ସି.ପି.ଏଲ୍-୮୭୧୧୯ (ଆଶା) | ୧୮୦ | ଗଛ ଡେଙ୍ଗା, ଫୁଲ ହଳଦିଆ ଲାଲ, ମଞ୍ଜି ଧୂସର । |
| ଆଇ.ସି.ପି.ଏଲ୍-୮୫୦୬୩ (ଲକ୍ଷ୍ମୀ) | ୧୮୨ | ଗଛ ମଧ୍ୟମ ଆକାରର, ଫୁଲ ଧଳା, ମଞ୍ଜି ଧଳା ଲହୁଣୀ ରଙ୍ଗର । |
| ଆଇ.ସି.ପି.ଏଲ୍-୨୦୦୯୨ | ୨୨୦ | ଗଛ ବୁଦାଳିଆ, ଫୁଲ ଈଷତ୍ ହଳଦିଆ । |
| ଆଇ.ସି.ପି.ଏଲ୍-୧୩୦୯୨ | ୨୧୦ | ଗଛ ବୁଦାଳିଆ, ମଞ୍ଜି ଧଳା । |
| ଆର୍-୬୦ (ମୁକ୍ତା) | ୧୮୦ | ଗଛ ଡେଙ୍ଗା, ଫୁଲ ହଳଦିଆ । |

**ବୁଣିବା ସମୟ :** ହରଡ଼ ସାଧାରଣତଃ ଜୁନ୍ ମାସରେ ବୁଣାଯାଏ । ସଅଳ କିସମ ବିହନ ଶୀତ ଋତୁରେ ମଧ୍ୟ ଏକକ ଫସଲ ଭାବେ ସେପ୍ଟେମ୍ବର-ଅକ୍ଟୋବରରେ ବୁଣାଯାଇପାରିବ ।

**ବିହନ ପରିମାଣ ଓ ବିଶୋଧନ :** ବର୍ଷାଦିନେ ଏକର ପ୍ରତି ସଅଳ ଅମଳ ହେଉଥିବା କିସମରୁ ୮କି.ଗ୍ରା. ବିଳମ୍ବରେ ଅମଳ ହେଉଥିବା କିସମ ପାଇଁ ୬କି.ଗ୍ରା. ବିହନ ଆବଶ୍ୟକ ହୁଏ । ଶୀତ ଋତୁରେ ହରଡ଼ ଚାଷ ପାଇଁ ୧୦ ରୁ ୧୨କି.ଗ୍ରା. ବିହନ ଦରକାର । ପ୍ରତି କି.ଗ୍ରା. ବିହନକୁ ବୁଣିବା ଆଗରୁ ୩ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ଥିରାମ୍ କିମ୍ବା ୧.୫ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ ।

**ଜୀବାଣୁ କଲଚର ଉପଚାର :** ହରଡ଼ ପାଇଁ ଉଦ୍ଦିଷ୍ଟ ଜୀବାଣୁ କଲଚର ୨୦୦ଗ୍ରାମ୍ ନେଇ ଏକର ପ୍ରତି ଆବଶ୍ୟକ ହେଉଥିବା ବିହନ ଉପଚାର କରନ୍ତୁ । ବିହନ ବିଶୋଧନ ଓ ଉପଚାର ମଧ୍ୟରେ ୭ଦିନ ବ୍ୟବଧାନ ରହିବା ଦରକାର ।

**ଜମି ପ୍ରସ୍ତୁତି ଓ ବିହନ ବୁଣା :** ମାଟି ଭଲ ଭାବରେ ଗୁଣ୍ଡ ହେଲେ ବିହନ ସହଜରେ ଗଜା ହୁଏ । ଏଣୁ ଜମିକୁ ୩/୪ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ ଓ ସମତୁଲ କରନ୍ତୁ । ହରଡ଼ ଧାଡ଼ି ବୁଣାଗଲେ କୋଡ଼ାଖୁସା, ଘାସବଛା ଓ ଫସଲ ସୁରକ୍ଷାରେ ସୁବିଧା ହୁଏ ।

| କିସମ | ଧାଡ଼ିକୁ ଧାଡ଼ି (ସେ.ମି.) | ଗଛକୁ ଗଛ (ସେ.ମି.) |
|---|---|---|
| ସଅଳ କିସମ | ୪୫ | ୨୦ |
| ବିଳମ୍ବ କିସମ | ୬୦ | ୨୦ |
| ପ୍ରାକ୍ ରବି | ୩୦ | ୧୫ |

ବିହନକୁ ଧାଡ଼ିରେ ୩ରୁ ୫ସେ.ମି. ଗଭୀରରେ ବୁଣନ୍ତୁ ।

**ମିଶ୍ରିତ ଚାଷ :** ହରଡ଼ ଚେର ଗଭୀରକୁ ଯାଏ । ଏହା ସହିତ କମ୍ ଗଭୀର ଚେର ଫସଲ ଭାବେ ଧାନ, ମାଣ୍ଡିଆ, ମକା, ଚିନାବାଦାମ, ମୁଗ ଓ ବିରିକୁ ମିଶାଇ ଚାଷ କରାଯାଇପାରିବ ।

ହରଡ଼+ଧାନ ୨:୫ ଅନୁପାତ । ହରଡ଼+ମାଣ୍ଡିଆ ୨:୪ ଅନୁପାତ । ହରଡ଼+ମକା ୧:୧ ଅନୁପାତ । ହରଡ଼ + ଚିନାବାଦାମ ୧:୩ଅନୁପାତ । ହରଡ଼+ମୁଗ/ବିରି ୧:୩ଅନୁପାତ ।

**ଖତ ସାର :** ଏକର ପ୍ରତି ୨ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଏହା ବ୍ୟତୀତ ଏକର ପ୍ରତି ୮-୧୨କି.ଗ୍ରା. ଯବକ୍ଷାରଜାନ, ୧୬-୨୪କି.ଗ୍ରା. ଫସ୍‌ଫରସ୍ ଓ ୮କି.ଗ୍ରା. ପଟାସ୍ ଦରକାର । ଏହାକୁ ମୂଳସାର ହିସାବରେ ଶେଷଓଡ଼ ଚାଷ ବେଳେ ପ୍ରୟୋଗ କରନ୍ତୁ ।

**ଅନ୍ତଃଚାଷ :** ବିହନ ବୁଣିବା ପରେ ଏକର ପ୍ରତି ୧ଲିଟର ପେଣ୍ଡିମେଥାଲିନ୍ ୩୦% ଇ.ସି. ୨୦୦ଲିଟର ପାଣିରେ ମିଶାଇ ମାଟି ଉପରେ ସିଞ୍ଚନ କରାଯାଏ । ଗଛ ଉଠିବାର ୨-୩ସପ୍ତାହ ଓ ୫-୬ସପ୍ତାହ ଏପରି ୨ଥର କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ।ଏହାପରେ ଘାସ ହେଲେ କ୍ୱିଜାଲୋଫପ୍ ଇଥାଇଲି ୫% ଇ.ସି. (ଟାରଗାସୁପର) ଏକର ପ୍ରତି ୪୦୦ମି.ଲି. ୨୦୦ଲିଟର